## ସୂତାକଳରୁ ଚୋରି, ୨ ଗିରଫ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳର ଦୀର୍ଘବର୍ଷ ହେଲା ବନ୍ଦ ପଡ଼ିଥିବା କଳିଙ୍ଗ ସୂତାକଳ ପରିସରରୁ ଚୋରି ହୋଇଥିବା ୨୦ କେଜି ଆଲୁମିନିୟମ ବିଦ୍ୟୁତ୍ ତାର ପୋଲିସ ଜବତ କରିଛି। ଏହି ଘଟଣାରେ ବଳଦିଆବନ୍ଧର କାହ୍ନୁ ନାୟକ (୨୨) ଏବଂ ବୁଲୁ ନାୟକ (୪୨) ଗିରଫ ହୋଇଛନ୍ତି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ନଂ. ୧୨/୨୧ରେ ମାମଲା ରୁଜୁ ହୋଇଛି। ଗୁରୁବାର ଭୋର ସମୟରେ ଉକ୍ତ ତାର ଚୋରି ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା।

## ସଂକ୍ଷେପରେ

### କ୍ରୋମାଇଟ୍ ଖାଦାନରୁ ମୃତଦେହ ଜବତ

ଭୁବନ, ୮।୧(ଡି.ଏନ.ଏ.); ଢେଙ୍କାନାଳ ଜିଲା ଭୁବନ ଥାନା ଭୂଷଳ ପଞ୍ଚାୟତ ଅନ୍ତର୍ଗତ କଞ୍ଚନବାହାଲ ଗ୍ରାମର ଗୋପାଳ ମୁଣ୍ଡା (୨୨)ଙ୍କ ମୃତଦେହ ଶୁକ୍ରବାର ରିୟଲ ଇଣ୍ଡିଆ ଇଷ୍ଟେଟ୍‌ର ପାଣିଭର୍ତ୍ତି କ୍ରୋମାଇଟ୍ ଖାଦାନ ଭିତରୁ ପୋଲିସ ଜବତ କରିଛି। ଗୋପାଳ ବୁଧବାରଠାରୁ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ଶୁକ୍ରବାର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ବାସିନ୍ଦା ଥାନାକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୧/୨୧ରେ ଏକ ମାମଲା ରୁଜୁ ହୋଇଛି। କ୍ରୋମାଇଟ୍ ଖନନ ଯୋଗୁ ଖଣି ଅଞ୍ଚଳରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ସେଥିରେ ପଡ଼ି ଗୃହପାଳିତ ପ୍ରାଣୀ ମରୁଥିବା ନଜିର ରହିଛି। ଏହାର ପ୍ରତିକାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମଣ୍ଡି ଚାଲ ଅଭିଯାନ

କଣିହାଁ, ୮।୧(ଡି.ଏନ.ଏ.): କଣିହାଁ ବ୍ଲକ ରେଙ୍ଗାଳି ଭାଜପା ମଣ୍ଡଳ ପକ୍ଷରୁ ଗୁରୁବାର ବାଲିପଶିଠାରେ ମଣ୍ଡି ଚାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାଜପା ନେତା ରୁଦ୍ରନାରାୟଣ ପାଣି ଯୋଗଦେଇଥିଲେ। ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନଙ୍କ ନେତୃତ୍ୱରେ ବହୁ ଭାଜପା ନେତା ଏଥିରେ ସାମିଲ ହୋଇଥିଲେ। ମଣ୍ଡିରେ ଚାଷୀଙ୍କୁ ଶୋଷଣ, ଧାନ କଟନୀଛଟନି, ବସ୍ତା ପଇସା ନ ଦେବା, ସମ୍ପୂର୍ଣ୍ଣ ଧାନ ନ କିଣିବା, ଦଲାଲମାନଙ୍କଠାରୁ ଧାନ ଗ୍ରହଣ କରିବା, ପ୍ରକୃତ ଚାଷୀ ବାଦ୍ ପଡ଼ିବା ନେଇ ସମାଲୋଚନା କରାଯାଇଥିଲା। ଏ ନେଇ ପ୍ରଶାସନ ସହିତ ଆଲୋଚନା କରାଯିବ ବୋଲି ଦଳୀୟ ନେତା ଅଶୋକ ମହାନ୍ତି କହିଥିଲେ। ଅଭିଯାନରେ ଜିଲା କମିଟି ସଦସ୍ୟ ସୁମନ୍ତ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ହରିହର ସାହୁ ପ୍ରମୁଖ ସାମିଲ ଥିଲେ।

### ଯୋଗ ସମ୍ପର୍କିତ ୱେବିନାର

ଢେଙ୍କାନାଳ ଅଫିସ, ୮।୧: ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ 'ଜୀବନରେ ସଫଳତାପ୍ରାପ୍ତି' ଶୀର୍ଷକ ଯୋଗ ସମ୍ପର୍କିତ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଆମେରିକା କାଲିଫର୍ଣ୍ଣିଆସ୍ଥିତ ଯୋଗ ବିଶାରଦ ମନୋଜ ଯୋଶୀ ଏଥିରେ ଅଂଶଗ୍ରହଣ କରି ଯୋଗାଭ୍ୟାସ କରାଇବା ସହ ଆଧାତ୍ମିକ ଚିନ୍ତନର ମହତ୍ତ୍ୱ ବୁଝାଇଥିଲେ। କଲେଜର ଅଧକ୍ଷ ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଯୋଜକ ଡ. ତପନ କୁମାର ପଣ୍ଡା, ଅଧାପକ ବିଜୟ ସାହୁ ସଂଯୋଜନା କରିଥିଲେ। ଡ. ଦେବାନନ୍ଦ ଦାସଙ୍କ ସମେତ କଲେଜର ସମସ୍ତ ଅଧାପିକାଅଧାପକ ଏଥିରେ ସାମିଲ ହୋଇଥିଲେ।

### ଆମ୍ବେଡକରଙ୍କ ଅବଦାନ ଅନନ୍ୟ

କାମାକ୍ଷାନଗର, ୮।୧(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରେକୁଲା ଗ୍ରାମରେ ଗୁରୁବାର ଦଳିତ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳିତ ନେତା ଚନ୍ଦ୍ରମଣି ମଲ୍ଲିକଙ୍କ ସଭାପତିତ୍ୱରେ ଆମ୍ବେଡକର ମୂଳନିବାସୀ ଦଳିତ ସେବା ସଂଘର ସଭାପତି ଭିକାରୀ ଚରଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଦଳିତଙ୍କୁ ନ୍ୟାୟ ପ୍ରଦାନରେ ଆମ୍ବେଡ଼କରଙ୍କ ଭୂମିକା ଅନନ୍ୟ। ବାବାସାହେବଙ୍କ ବିଚାରଧାରାକୁ ଘରେ ଘରେ ପହଞ୍ଚାଇବାକୁ ସେ ପରାମର୍ଶ ଦେଇଥିଲେ। ରବିନାରାୟଣ ମଲ୍ଲିକ, ବ୍ରଜବନ୍ଧୁ ମଲ୍ଲିକ, ବସନ୍ତ ମଲ୍ଲିକ, କୃତିବାସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ

କାମାକ୍ଷାନଗର,୮।୧(ଡି.ଏନ.ଏ.): ଢେଙ୍କାନାଳ ଜିଲା ମଠକରଗୋଳା ମହାବିଦ୍ୟାଳୟରେ ଶୁକ୍ରବାର କୋଭିଡ୍ ସମୟରେ ଶିକ୍ଷାଦାନ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଚିତ୍ତରଞ୍ଜନ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣବତ୍ତା ପ୍ରକୋଷ୍ଠର ସଂଯୋଜକ ଡ. କୈଳାସ ଚନ୍ଦ୍ର ଦାସ ଯୋଗଦେଇ ମହାମାରୀ ସମୟରେ ପାଠପଢ଼ା ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିବା ସହ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ଅଧାପକ ଉମ୍ବଧର ମହନ୍ତ, କୈଳାସ ଚନ୍ଦ୍ର ପାତ୍ର, ସ୍ୱପ୍ନିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅବହେଳାରୁ ଅବ୍ୟବହୃତ

ଭୁବନ, ୮।୧(ଡି.ଏନ.ଏ.)




■ସ୍ୱଚ୍ଛତାରେ ପଛୁଆ ଭୁବନ ଏନ୍ଏସି
■ଦିନଟିଏ ବ୍ୟବହାର ହୋଇନି ୬ ଶୌଚାଳୟ
■ଆହୁରି ୯ଟି ନିର୍ମାଣ କାର୍ଯ୍ୟ ଚାଲିଛି

ନୂଆ ରଙ୍ଗରେ ଝଲସୁଛି। ବାହାରୁ ଦେଖିଲେ ଯେ କେହି ଖୁସି ହୋଇଯିବ। ହେଲେ ପାଖକୁ ଆସି ଦେଖିଲେ ସବୁ ଓଲଟା। ଚିକିମିକିଆ ଚୂନ ଧଉଳା ହୋଇଥିବା କମ୍ୟୁନିଟି ଶୌଚାଳୟରେ ଝୁଲୁଛି ତାଲା। ନା ଅଛି ପାଣି ସୁବିଧା ନା ଜଳୁଛି ବିଜୁଳିବତି। ଉଦ୍‌ଘାଟନର ଦୀର୍ଘ ୪ବର୍ଷ ବିତିଯାଇଥିଲେ ବି ପରିସ୍ଥିତି ବଦଳୁନି। ପ୍ରଶାସନିକ ଅବହେଳାରୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ଶୌଚାଳୟ ଅବ୍ୟବହୃତ ହୋଇ ପଡ଼ିଥିବାବେଳେ ଢେଙ୍କାନାଳ ଜିଲାର ଐତିହାସିକ ସହର ଭୁବନ ଏନ୍ଏସିବାସୀଙ୍କ ପାଇଁ ବାହ୍ୟ ମଳମୁକ୍ତ ସହର ସ୍ୱପ୍ନ ପାଲଟିଛି। ଏନ୍ଏସି ମାନ୍ୟତା ପାଇବାର ୨୯ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ଗୋଷ୍ଠୀ ଶୌଚାଳୟଟିଏ କାର୍ଯ୍ୟକ୍ଷମ ହୋଇ ନ ପାରିବା ପ୍ରଶାସନର ଅପାରଗତା ବୋଲି ବୁଦ୍ଧିଜୀବୀମାନେ କ୍ଷୋଭର ସହ କହିଛନ୍ତି।

ଏସିଆ ମହାଦେଶର ସର୍ବବୃହତ ଗ୍ରାମ ଭୁବନ। ୧୯୭୧ରୁ ଏହି ବୃହତ୍ ଅଞ୍ଚଳକୁ ମିଳିଛି ଏନ୍ଏସି ମାନ୍ୟତା। ୧୫ ୱାର୍ଡକୁ ନେଇ ଗଠିତ ବିଜ୍ଞପିତ ଅଞ୍ଚଳ ପରିଷଦରେ ବାସ କରୁଛନ୍ତି ୨୭ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ। ଶହୀଦ ବୀର ବାଜି ରାଉତ, କଂସାବାସନ କାରିଗରି ଏବଂ ପର୍ଯ୍ୟଟନ ସମ୍ଭାରରେ ଭରପୂର ଏହି ଅଞ୍ଚଳକୁ ଦୈନିକ କୋଲକାତା, ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ଅନୁଗୋଳ, ରାଉରକେଲାରୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ, ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସିଥାନ୍ତି। ହେଲେ ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସେମାନେ ଅନେକାଂଶରେ ସମସ୍ୟାରେ ପଡୁଛନ୍ତି।

ଭୁବନ ସହରରେ ବଢୁଥିବା ଜନସଂଖ୍ୟା ଏବଂ ଆଗନ୍ତୁକଙ୍କ ସୁବିଧା ଦୃଷ୍ଟିରୁ ୨୦୧୬ ନଭେମ୍ବର ୨୫ରେ ଲୋକାର୍ପିତ ହୋଇଥିଲା ୬ ଗୋଷ୍ଠୀ ଶୌଚାଳୟ। ଗୋଡ଼ିପୋଖରୀ, କୋହ୍ଲସାହି, ପୁଷ୍ଟିପୋଖରୀ, ନୂଆପୋଖରୀ, ଏନ୍ଏସି ଅନ୍ତର୍ଗତ ୩ନଂ. ଏବଂ ୧୪ନଂ. ୱାର୍ଡରେ ଏଗୁଡ଼ିକ ନିର୍ମାଣ କରାଯାଇଥିଲା। ପ୍ରତିଟିରେ ଖର୍ଚ୍ଚ ହୋଇଥିଲା ୯ ଲକ୍ଷ ୬୦ ହଜାର ଟଙ୍କା। ତେବେ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଥିବା ଏହି ଶୌଚାଳୟରେ ଆବଶ୍ୟକ ସୁବିଧା ନାହିଁ। କେଉଁଠି ବିଜୁଳି ନ ଥିବାରୁ ଟାଙ୍କିକୁ ପାଣି ଉଠିପାରୁନି ତ ଅନ୍ୟ କେଉଁଠି ତଦାରଖ କରିବାକୁ କେହି ନାହିଁ। ଦୀର୍ଘଦିନ ଧରି ଅବ୍ୟବହୃତ ହୋଇ ପଡ଼ିରହିବା ପରେ ସେଗୁଡ଼ିକ ପରିତ୍ୟକ୍ତ ହୋଇପଡ଼ିଥିଲା। ଦିନଟିଏ କାମରେ ଲାଗି ନ ଥିବା ଏହି ଶୌଚାଳୟଗୁଡ଼ିକୁ ପୁନର୍ବାର ଅଜସ୍ର ଟଙ୍କା ଖର୍ଚ୍ଚ କରି ନୂଆ ରୂପ ଦିଆଯାଉଛି। ପୁରୁଣା କାମରେ ଲାଗୁ ନ ଥିବାବେଳେ ଏନ୍ଏସି କର୍ତ୍ତୃପକ୍ଷ ଆହୁରି ୯ କମ୍ୟୁନିଟି ଶୌଚାଳୟ ନିର୍ମାଣ କରୁଛନ୍ତି। ଗୋଡ଼ିପୋଖରୀ, ହିଙ୍ଗୁଳା ପୀଠ, ପୁଷ୍ଟି ପୋଖରୀ, ଆହାରକେନ୍ଦ୍ର, ବାଟତାରିଣୀ, କୋହ୍ଲସାହି, ଟୋଲଙ୍କବେରେଣି, ଟ୍ୟାକ୍ସିଷ୍ଟାଣ୍ଡ, ତହସିଲ କାର୍ଯ୍ୟାଳୟ ଏହାର ନିର୍ମାଣାଧୀନ ଏସବୁ ଶୌଚାଳୟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ଏନ୍ଏସି କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟ ଦୂରଦୃଷ୍ଟିହୀନ ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଉନ୍ନୟନ ନାମରେ ଏହା ପ୍ରହସନ ବୋଲି ସେମାନେ କ୍ଷୋଭବ୍ୟକ୍ତ କରିଛନ୍ତି।

ଏ ସଂକ୍ରାନ୍ତରେ ଏନଏସି ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ପ୍ରଭାସ ରଞ୍ଜନ ବେହୁରିଆ କୁହନ୍ତି, ବିଜ୍ଞପିତ ଅଞ୍ଚଳ ପରିଷଦରେ ଅନେକ ସମସ୍ୟା ରହିଛି। କିଛିଦିନ ହେଲା ତାଙ୍କୁ ଅତିରିକ୍ତ ଭାବେ ଏହି ଦାୟିତ୍ୱ ଦିଆଯାଇଛି। କେତେକ ସମସ୍ୟାର ସମାଧାନ ହେଲାଣି। ନିର୍ମାଣ ସରିଥିବା ଏବଂ ନିର୍ମାଣ ହେଉଥିବା ଶୌଚାଳୟଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦିଗରେ ଗୁରୁତ୍ୱ ଦିଆଯିବ।

#### ସବୁ ଯୋଜନା ଦିଗହରା



"ଦୀର୍ଘଦିନ ଧରି ଦେଶ ସେବାରେ ନିୟୋଜିତ ରହି ଅବସର ନେବାପରେଜନ୍ମମାଟିକୁଫେରିଛି।ଏଠିସବୁଯୋଜନାଦିଗହରା। ଭୁବନବାସୀଙ୍କ ପାଇଁ ଏହା ସ୍ୱଚ୍ଛ ସହର ସ୍ୱପ୍ନ ପାଲଟିଛି। ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଲେ ସମସ୍ୟାର ସମାଧାନ ହୋଇପାରିବ ।

-ସନ୍ତୋଷ ପଟ୍ଟନାୟକ, ଅବସରପ୍ରାପ୍ତ ନୌସେନା କର୍ମଚାରୀ

#### ଯାତ୍ରୀ ସମସ୍ୟା ଭୋଗୁଛନ୍ତି



"ଭୁବନ କାଳୀବଜାର ଏବଂ ନୂଆବଜାର ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଏହି ଦୁଇ ସ୍ଥାନରେ ଦୈନିକ ହଜାର ହଜାର ଯାତ୍ରୀ ଆସିଥାନ୍ତି। ଶୌଚାଳୟ ନ ଥିବାରୁ ସେମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲାପାଳ ଗୁରୁତ୍ୱ ଦେବା ଆବଶ୍ୟକ।

-ସମୀର ସାହୁ, କାଳୀବଜାର ବଣିକ ସଂଘ ସଭାପତି

#### ବହୁତ ପଛରେ ପଡ଼ିଛି



"ଦିନକୁ ଦିନ ଭୁବନ ସହରର କଳେବର ବଢ଼ିବାରେ ଲାଗିଛି। ଐତିହାସିକ ଦୃଷ୍ଟିକୋଣରୁ ଅଞ୍ଚଳର ଗୁରୁତ୍ୱ ରହିଛି। ଦୀର୍ଘଦିନରୁ ଏନ୍ଏସି ମାନ୍ୟତା ପାଇଥିଲେ ମଧ ଉନ୍ନୟନମୂଳକ କାର୍ଯ୍ୟରେ ସହର ବହୁ ପଛରେ। ଏକାଠି ହୋଇ ସ୍ୱର ଉଠାଇଲେ ସମସ୍ୟା ଦୂରହେବ।

-ଗିରିଧାରୀ ସାହୁ, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସା କର୍ମଚାରୀ

#### ସରକାରୀ ଅର୍ଥ ବାଟବାରଣା ହେଉଛି



"ଭୁବନଅଞ୍ଚଳରବିକାଶପାଇଁକାହାରିଦରଦନାହିଁ।ଏଠିସମସ୍ତେ ନିଜ ନିଜ ସ୍ୱାର୍ଥରେ ବ୍ୟସ୍ତ। ଉନ୍ନୟନ କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଅର୍ଥ ବାଟମାରଣା ହେଉଛି। ପ୍ରଶାସନିକ ଅଧିକାରୀ ଏହା ଦେଖି ନୀରବଦ୍ରଷ୍ଟା ସାଜିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ।

-ସନାତନ ପାତ୍ର, ସାମାଜିକ କର୍ମୀ

## ଭାଜପାର ନୂତନ ଜିଲା କମିଟି

### ୭ ଉପସଭାପତି, ୩ ସାଧାରଣ ସମ୍ପାଦକ

ଢେଙ୍କାନାଳ ଅଫିସ, ୮।୧

ଢେଙ୍କାନାଳ ଜିଲା ଭାଜପାର ନୂତନ ଜିଲା କମିଟି ଗୁରୁବାର ଘୋଷିତ ହୋଇଛି । ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ପ୍ରସ୍ତାବ କ୍ରମେ ରାଜ୍ୟ ସଭାପତି ସମୀର ମହାନ୍ତି ଓ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତିଙ୍କ ଅନୁମୋଦନକ୍ରମେ କର୍ମକର୍ତ୍ତାଙ୍କ ନାମ ଘୋଷିତ ହୋଇଛି। ଏଥିରେ ୭ ଉପସଭାପତି ଏବଂ ୩ ସାଧାରଣ ସମ୍ପାଦକ ସ୍ଥାନ ପାଇଛନ୍ତି । ଉପସଭାପତି ଭାବେ ପବିତ୍ର ବିଶ୍ୱାଳ, ସୁଶାନ୍ତ ଦଳବେହେରା, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ଅଶ୍ୱିନୀ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ରାସ ବିହାରୀ ବେହେରା, ସୁନୀଲ ଶର୍ମା, ରତିକାନ୍ତ ସାହୁ ମନୋନୀତ ହୋଇଛନ୍ତି। ଜିଲା ସମ୍ପାଦକ ଭାବେ ସୁଶାନ୍ତ ପତି, ଅବନୀକାନ୍ତ ପଟ୍ଟନାୟକ, ଦାଶରଥି ମାଝି, ଅନିତା ଦାସ, ସବିତା ପଟ୍ଟନାୟକ, ଯମୁନା ଗୁରୁ ଏବଂ କୋଷାଧକ୍ଷ ଭାବେ ସଞ୍ଜୀବ ପ୍ରସାଦ ମହାପାତ୍ରଙ୍କୁ ଚୟନ କରାଯାଇଛି। ଜିଲା ମିଡିଆସେଲ ପ୍ରଭାରୀ ଭାବେ ନବକିଶୋର ଗୁରୁ ଓ ସହ ପ୍ରଭାରୀ ଭାବେ ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସୁଶାନ୍ତ ପତି, କାମାକ୍ଷାନଗର ପାଇଁ ଚନ୍ଦନ ବେହେରା, ପରଜଙ୍ଗ ପାଇଁ ସଞ୍ଜୀବ ନାୟକଙ୍କୁ ମେଡିଆସେଲ ଦାୟିତ୍ୱ ଦିଆଯାଇଛି । ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ମମତା ସ୍ୱାଇଁ, କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ଓବିସି ମୋର୍ଚ୍ଚା ସଭାପତି ଭାବେ ପ୍ରଶାନ୍ତ ପ୍ରଧାନ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଭାବେ ରାହୁଲରାୟ ମହାଲିକ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ମଦନ ହେମ୍ବ୍ରମ, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ଶେଖ ସଲାଲୁଦ୍ଦିନଙ୍କୁ ମନୋନୟନ କରାଯାଇଛି।

# 'ଭୁବନ କଳାକାରଙ୍କ କଳକାରଖାନା'



କାର୍ଯ୍ୟକ୍ରମରେ ଅତିଥିମାନେ।

ଭୁବନ, ୮।୧(ଡି.ଏନ.ଏ.)

କଳା ଏବଂ କଳାକାରଙ୍କ ମାଟି ହେଉଛି ଭୁବନ। ଏହି ମାଟିକୁ କଳାକାରଙ୍କ କଳକାରଖାନା ବୋଲି କହିଲେ ଭୁଲ ହେବନାହିଁ। ଏଠାକାର ଯୁବତୀଯୁବତୀଙ୍କ ରକ୍ତରେ କଳା, କାରିଗରି ଜମାଟ ବାନ୍ଧିଛି। ଏହାକୁ ପୁଞ୍ଜି କରି ସେମାନେ ଦେଶବିଦେଶରେ ସୁନାମ ଅର୍ଜିଛନ୍ତି। ଏହି ଧାରାକୁ ଆଗକୁ ନେବାକୁ ପଡ଼ିବ ବୋଲି ଆହ୍ୱାନ ଦେଇଛନ୍ତି ଭୁବନ ଏନ୍ଏସିର ପୂର୍ବତନ ଅଧକ୍ଷ ନନ୍ଦକିଶୋର ସାହୁ। ସ୍ଥାନୀୟ ଫାଷ୍ଟଷ୍ଟେପ୍ ଡ୍ୟାନ୍ସ ସ୍କୁଲର ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

କଳାକାର ସଂଘ ସଭାପତି ଦିଲୀପ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୧୪୭ଜଣ କଳାକାର ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଅନ୍ୟତମ ଅତିଥି ଭାବେ ଯୁବ ନାଟ୍ୟ ନିର୍ଦ୍ଦେଶକ ଦୀନେଶ ଦାସ ଯୋଗଦେଇ କଳା ଏବଂ କଳାକାରଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃଷିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯାତ୍ରା ଜଗତରେ ପାଦ ଥାପିଥିବା ଲିପୁନ ଚିନ୍ନାରାଙ୍କ ସଫଳତା କାମନା କରାଯାଇଥିଲା। କୋଭିଡ୍ ସମୟରେ କଳାକୁ ବଞ୍ଚାଇ ରଖିବା, ଦୁସ୍ଥ କଳାକାରଙ୍କୁ ସହାୟତା ପ୍ରଦାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଯାତ୍ରା ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ର, ସନ୍ତୋଷ କୁମାର ବିହାରୀ, ବିନୋଦ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମକର ଯାତ୍ରା ପ୍ରସ୍ତୁତି

ଛେଣ୍ଡିପଦା, ୮।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ପଥରନାଳଠାରେ ଥିବା ଗିରି ଗୋବର୍ଦ୍ଧନ ଠାକୁର ଓ ମା' ରାମଚଣ୍ଡୀ (ବନବାସିନୀ)ଙ୍କ ପୀଠସ୍ଥଳରେ ଦେହୁରୀସାହି ଓ କୋଶଳା ଗ୍ରାମବାସୀଙ୍କ ସହଯୋଗରେ ଆସନ୍ତା ମକର ସଂକ୍ରାନ୍ତୀ ପୂଜା ଉପଲକ୍ଷେ ଦୈନିକ ପ୍ରସ୍ତୁତି କାର୍ଯ୍ୟ ଜନସାଧାରଣଙ୍କ ସହଯୋଗରେ ହେଉଛି। ତାଳଚେର ଓ କଣିହାଁ ବ୍ଲକର ସୀମାକୁ ଲାଗି ଏହି ଠାକୁରାଣୀଙ୍କ ପୀଠ ସ୍ଥଳ ଥିବାବେଳେ ଦୈନିକ ଭକ୍ତମାନଙ୍କ ଆଗମନ ହୋଇଥାଏ। ଏହି ସ୍ଥଳରେ ଆସନ୍ତା ୧୪ ତାରିଖ ମକର ସଂକ୍ରାନ୍ତୀ ଅବସରରେ ଠାକୁରାଣୀଙ୍କ କେବଳ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ପୀଠସ୍ଥଳର ସମସ୍ତ କାର୍ଯ୍ୟ ଚାଲିଛି। କୋଶଳା ଗ୍ରାମବାସୀଙ୍କ ସହଯୋଗରେ ଏବଂ କୋଶଳା ଦେହୁରୀ ସାହି ଜନସାଧାରଣଙ୍କ ପରିଚାଳନାରେ ନିରାଡମ୍ବର ଭାବେ ଉକ୍ତ ପୂଜା ସମାପ୍ତ କରିବା ପାଇଁ ଆୟୋଜନ କରାଯାଉଛି।

## ହାତୀପଲ ଉପଦ୍ରବ: ବ୍ୟାପକ ଫସଲ ନଷ୍ଟ

ଛେଣ୍ଡିପଦା,୮।୧(ସ୍ୱ.ପ୍ର)

ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ପଞ୍ଚାୟତ ଡଙ୍ଗାପାଳ ଗ୍ରାମରେ ହାତୀପଲ ଉପଦ୍ରବ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ଗ୍ରାମରେ ପଶି ଘର ଭାଙ୍ଗିବା ସହିତ ବ୍ୟାପକ ଫସଲ ଖାଇ ଦଳି ଚକଟି ନଷ୍ଟ କରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ହାତୀପଲ ବିଳମ୍ବିତ ରାତିରେ ଡଙ୍ଗାପାଳ ଗ୍ରାମରେ ପଶି କଦଳୀ ବଗିଚା ନଷ୍ଟ କରିଥିଲେ। ଏ ନେଇ ଗ୍ରାମବାସୀ ବନବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ହାତୀଙ୍କୁ ଘଉ ଡାଇଥିଲେ। ପରେ ହାତୀପଲ ରବିନାରାୟଣ ଦେହୁରୀଙ୍କ ୧ ଏକରରୁ ଉର୍ଦ୍ଧ୍ୱ ପନିପରିବା ଫସଲ, ରଣୀ ସେନ ଦେହୁରୀଙ୍କ ୨ ଏକର ଜାଗାରେ ଲାଗିଥିବା ହରଡକୁ ନଷ୍ଟ କରିଦେଇଥିଲେ। ଗତ କିଛିଦିନ ହେବ ହାତୀପଲ ସଞ୍ଜ ନଇଁଲେ ଗ୍ରାମ ନିକଟକୁ ଚାଲି ଆସୁଛନ୍ତି। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଛେଣ୍ଡିପଦା ବନବିଭାଗ ହାତୀପଲର ଗତିବିଧି ଉପରେ ନଜର ରଖିବା ସହିତ ରାସ୍ତାରେ ଯିବା ଆସିବା କରିବାବେଳେ ସତର୍କତା ଅବଲମ୍ବନ କରିବା ପାଇଁ ସଚେତନ କରାଯାଉଛି। ବନବିଭାଗ ପକ୍ଷରୁ ହାତୀପଲଙ୍କୁ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ହାତୀପଲ ପନିପରିବା ଫସଲ ନଷ୍ଟ କରିଦେଇଛନ୍ତି।

## ରିଆଡମିଶନ ଦେୟ ହ୍ରାସ ଦାବି



ଏବିଭିପି ପକ୍ଷରୁ କଲେଜ ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୮।୧

କରୋନା ସମୟରେ ରିଆଡମିଶନ ଦେୟ ପରିମାଣ ହ୍ରାସ କରିବା ଦାବିରେ ଢେଙ୍କାନାଳ ଏବିଭିପି ପକ୍ଷରୁ ଶୁକ୍ରବାର ସ୍ୱୟଂଶାସିତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ରଣଜିତ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ସମୟରେ ଅଧିକାଂଶ ପରିବାର ଆର୍ଥିକ ସମସ୍ୟା ଭୋଗିଛନ୍ତି। ଏହାର ପ୍ରଭାବ ଶିକ୍ଷା ଉପରେ ପଡ଼ିଛି। ଏଭଳିସ୍ଥିତିରେ ଛାତ୍ରୀଛାତ୍ରଙ୍କ ରିଆଡମିଶନ ଲାଗି ଧାର୍ଯ୍ୟ ଅର୍ଥର ପରିମାଣ ଅଧିକ ହୋଇଛି। ତେଣୁ ଏହାର ପ୍ରତିକାର କରିବାକୁ ଏବିଭିପିର ଏକ ପ୍ରତିନିଧିମଣ୍ଡଳୀ ଆଲୋଚନା କରିଛନ୍ତି।

ରିଆଡମିଶନ ଦେୟ ପରିମାଣ ହ୍ରାସ, ମାର୍ଚ୍ଚରୁ କ୍ଲାସ ହୋଇ ନ ଥିବାରୁ ଡେଭଲପମେଣ୍ଟ ଫି' କମାଇବା, ୪ର୍ଥ ଏବଂ ୨ୟ ସେମିଷ୍ଟର ଫଳ ପ୍ରକାଶ, ଶିକ୍ଷାଦାନ ପୂର୍ବରୁ କଲେଜକୁ ସମ୍ପୂର୍ଣ୍ଣ ସାନିଟାଇଜ କରିବାକୁ ଏବିଭିପି ପକ୍ଷରୁ ଦାବି କରାଯାଇଛି। ଜିଲା ସଂଯୋଜକ ଅରଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟ ଅଭିନବ ବେହେରା, ସୌରଭ ବିଶ୍ୱାଳ, ସୁଧାକର ସାହୁ, ବିକ୍ରମ ବେହେରା, ଧୀରେନ ମହାନ୍ତି, ସୁରେଶ ଜେନାମଣି, ଅମ୍ରିତ ଅଭିଷେକ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଧାରଣା, ବିକ୍ଷୋଭ ପ୍ରଦର୍ଶନ

ଅନୁଗୋଳ ଅଫିସ, ୮।୧

କୃଷି ଆଇନ ସମ୍ପୂର୍ଣ୍ଣ ବାତିଲ ଏବଂ ଉତ୍ତରପ୍ରଦେଶର ଅଙ୍ଗନବାଡି କର୍ମୀଙ୍କ ବଳାତ୍କାର ଓ ହତ୍ୟା ଘଟଣାରେ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ଦାବିରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍ଏସ୍ଏସ୍) ଅନୁଗୋଳ ଜିଲା କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। କର୍ମକର୍ତ୍ତାମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସମ୍ପାଦିକା ମାନସୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଧାରଣାରେ ରାଜ୍ୟ ଉପସଭାନେତ୍ରୀ ସରୋଜିନୀ ନାୟକ, ସଙ୍ଗଠିକା ପ୍ରଗତୀବାଳା ନାୟକ, ସୁରୁଚି ପ୍ରଧାନ, ସ୍ନେହଲତା ନାଏକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି କୃଷକ ଆନ୍ଦୋଳନକୁ ସମର୍ଥନ କରି ଅନୁଗୋଳ ସିଆଇଟିୟୁ ଜିଲା କମିଟି ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ପଣ୍ଡା, ବସନ୍ତ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଦାଶ, ଧନଞ୍ଜୟ ସାହୁ, ସୁନୀଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ୬୬୦ ମିଲିୟନ ଟନ୍ ଉତ୍ତୋଳନ ଲକ୍ଷ୍ୟଧାର୍ଯ୍ୟ

ତାଳଚେର,୮।୧(ନି.ପ୍ର.)

ଦେଶରେ ସର୍ବାଧିକ କୋଇଲା ଉତ୍ପାଦନ କରୁଥିବା କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ୬୬୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି। କମ୍ପାନୀ ଗତ ଡିସେମ୍ବର ଶେଷ ସୁଦ୍ଧା ୪୦୫ ମିଲିୟନ ଟନ୍ ଉତ୍ତୋଳନ କରିବାରେ ସକ୍ଷମ ହୋଇଥିବା ଏହାର ଅଧକ୍ଷ ପ୍ରମୋଦ କୁମାର ଅଗ୍ରୱାଲ ଶୁକ୍ରବାର ଅନୁଗୋଳ ଜିଲା ତାଳଚେର କୋଲ୍ ଫିଲ୍ଡ୍ସ ଗସ୍ତ ଅବସରରେ ସୂଚନା ଦେଇଛନ୍ତି।

ଏକ ଦିନିକିଆ ଗସ୍ତରେ ତାଳଚେର ଆସିଥିବା ଅଧକ୍ଷ ଅଗ୍ରୱାଲ ଲିଙ୍ଗରାଜ ଓ ଭୁବନେଶ୍ୱରୀ କୋଇଲା ଖଣି ପରିଦର୍ଶନ କରିବା ସହ ବିଭିନ୍ନ ସିଏଚ୍‌ପି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, କୋଭିଡ୍-୧୯ ପରବର୍ତ୍ତୀ ସମୟରେ ଶୁଖିଲା ଇନ୍ଧନ (ଡ୍ରାଏ ଫୁଏଲ)ର ଚାହିଦା ବୃଦ୍ଧି ପାଇବ। ତେଣୁ ଦେଶରେ ଅଧିକ କୋଇଲା ଉତ୍ପାଦନର ଆବଶ୍ୟକତା ରହିଛି। ୨୦୨୦-୨୧ରେ କୋଲ୍ ଇଣ୍ଡିଆ ୬୫୦ ମିଲିୟନ ଟନ୍ ଉତ୍ପାଦନ ଅତିକ୍ରମ କରିବାର ଲକ୍ଷ୍ୟ ରଖିଛି। ଡିସେମ୍ବର ଶେଷ ସୁଦ୍ଧା କୋଲ୍ ଇଣ୍ଡିଆ ଉତ୍ତୋଳନ କରିଥିବା ୪୦୫ ମିଲିୟନ ଟନ୍ କୋଇଲା ମଧ୍ୟରୁ ଏମ୍‌ସିଏଲ୍ ୧୦୧.୮ ମିଲିୟନ ଟନ୍ ଉତ୍ତୋଳନ କରିବାରେ ସକ୍ଷମ ହୋଇଛି। କୋଇଲା ଉତ୍ପାଦନ ଓ ପରିବହନ କ୍ଷେତ୍ରରେ ଏମ୍‌ସିଏଲ୍ ଖୁବ୍ ଭଲ କାମ କରିଛି। ଆଗାମୀ ଦିନରେ ଏମ୍‌ସିଏଲ୍ ପାଇଁ ଅଧିକ ଚାଲେଞ୍ଜ ରହିଛି। ୨୪୭ କୋଟି ଟଙ୍କାରେ ନିର୍ମିତ ଭୁବନେଶ୍ୱରୀ କୋଇଲା ଖଣିର ସିଏଚ୍‌ପି କାର୍ଯ୍ୟକ୍ଷମ ହେଲେ ବାର୍ଷିକ ୧୫ ମିଲିୟନ ଟନ୍ କୋଇଲା ହସ୍ତାନ୍ତର ହୋଇପାରିବ ବୋଲି ଅଧକ୍ଷ ଅଗ୍ରୱାଲ ପ୍ରକାଶ କରିଥିଲେ। ତେବେ ତାଳଚେରରେ ନୂତନ କୋଇଲା କମ୍ପାନୀ ପ୍ରତିଷ୍ଠା ପାଇଁ ହେଉଥିବା ଦାବିକୁ ସିଆଇଏଲ୍ ଅଧକ୍ଷ ଅଗ୍ରାହ୍ୟ କରିଦେଇଥିଲେ। ଏହି ଗସ୍ତବେଳେ ଏମ୍‌ସିଏଲ୍ ସିଏମ୍‌ଡି ପି.କେ. ସିହ୍ନା, ଡାଇରେକ୍ଟର ଟେକ୍ନିକାଲ ଓ.ପି. ସିଂହ, ନିର୍ଦ୍ଦେଶକ କୋହଭ ରାଓଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### କୋଲ୍ ଇଣ୍ଡିଆ ଅଧକ୍ଷଙ୍କ ତାଳଚେର ଗସ୍ତ



ଏମ୍‌ସିଏଲ୍‌ର କୋଇଲା ଖଣି ପରିଦର୍ଶନ କରୁଛନ୍ତି ସିଆଇଏଲ୍ ଅଧକ୍ଷ।

**୧୯ ପଜିଟିଭ୍ ଚିହ୍ନଟ**

ଅନୁଗୋଳ ଅଫିସ : ଅନୁଗୋଳ ଜିଲାରୁ ଶୁକ୍ରବାର ୧୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ପଜିଟିଭ୍ ସଂଖ୍ୟା ୧୨ ହଜାର ୨୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ସର୍ବାଧିକ ୪ ଜଣ, ଅନୁଗୋଳ ବ୍ଲକରୁ୩, ଛେଣ୍ଡିପଦାରୁ୩, ବଣ୍ଠରପାଳ ବ୍ଲକରୁ୨, କଣିହାଁରୁ ୨, ଆଠମଲ୍ଲିକରୁ ଜଣେ, କିଶୋରନଗରରୁ ଜଣେ, ତାଳଚେରରୁ ଜଣେ, ତାଳଚେର ପୌରାଞ୍ଚଳରୁ ଜଣେ ଓ ପାଲଲହଡ଼ା ବ୍ଲକରୁ ଜଣେ ପଜିଟିଭ୍ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୧୭ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

**କଣିହାଁ,୮।୧(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ ଥାନା ଅଧୀନ କୁଲୁମା ପଞ୍ଚାୟତ ଓଳନ୍ଦା ଗ୍ରାମର ବାଟି ପ୍ରଧାନ (୪୯)ଙ୍କ ମୃତଦେହ ଶୁକ୍ରବାର ଗ୍ରାମ ପୋଖରୀରୁ ପୋଲିସ ଜବତ କରିଛି। ଗୁରୁବାର ଅପରାହ୍ନରୁ ସେ ନିଖୋଜ ଥିବାବେଳେ ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏ ନେଇ ନଂ. ୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାଲଲହଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ମୃତ ପରିବାରକୁ ୨ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି।

### ମାର୍ଚ୍ଚ ୨ରୁ ନିଯୁକ୍ତି ରାଲି

**ଅନୁଗୋଳ ଅଫିସ, ୮।୧:** ସେନା ବହିନୀରେ ନିଯୁକ୍ତି ନେଇ ଆସନ୍ତା ମାର୍ଚ୍ଚ ୨ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଦଶ ଦିନ ଧରି ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ଏଥିପାଇଁ କୌଣସି ସ୍ଥାନ ସୂଚିତ ହୋଇ ନ ଥିବାବେଳେ ଆଡମିଟ୍ କାର୍ଡ ମାଧ୍ୟମରେ ୧୫ ଦିନ ପୂର୍ବରୁ ଅବଗତ କରାଯିବ। ରାଲିରେ ଅଂଶଗ୍ରହଣ ପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ସହ କୋଭିଡ୍ ନିୟମାବଳୀର ଅନୁପାଳନ ବାଧ୍ୟତାମୂଳକ କରାଯିବ। ଅନୁଗୋଳ ଜିଲାର ଇଚ୍ଛୁକ ପ୍ରାର୍ଥୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଚଳିତମାସ ୫ ତାରିଖରୁ ଫେବୃୟରୀ ମାସ ୧୫ ତାରିଖ ମଧ୍ୟରେ ପଞ୍ଜୀକୃତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅଧିକ ବିବରଣୀ ପାଇଁ ୱେବସାଇଟ୍‌ରେ ତଥ୍ୟ ରହିଛି ବୋଲି ସମ୍ବଲପୁରସ୍ଥିତ ସେନାବାହିନୀ ନିଯୁକ୍ତି ଅଧିକାରୀ ଅବଗତ କରିଛନ୍ତି।

### ଶିକ୍ଷକଙ୍କ ପରଲୋକ

**ବଣ୍ଡା,୮।୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭୋଗରା ଗ୍ରାମର ଅରୁଣ କୁମାର ନାୟକଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକକୁ ନେଇ ଶିକ୍ଷକ ସଂଘ ମଧ୍ୟରେ ଶୋକର ଛାୟା ଖେଳିଯାଇଥିବା ବେଳେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଶୋକ ପ୍ରକାଶ କରିଛନ୍ତି।

### ପ୍ରାଣୀ ବିଜ୍ଞାନ ବିଭାଗର ୱେବିନାର

**ଖମାର,୮।୧:** ପାଲଲହଡ଼ା ବ୍ଲକ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଓଡ଼ିଶା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ପ୍ରଫେସର ସୁକାନ୍ତ କୁମାର ନାୟକ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ନୃତତ୍ୱ ଓ ପ୍ରାଣୀ ବିଜ୍ଞାନ ଉପରେ ନାନୋ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ବିଭାଗୀୟ ମୁଖ୍ୟ ଅଧାପିକା ଅନୁରାଧା ପ୍ରିୟଦର୍ଶିନୀ ନନ୍ଦ ଅତିଥି ପରିଚୟ ଓ ଅଧାପକ ସିଦ୍ଧାର୍ଥ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କଲେଜର ପ୍ରାୟ ୯୦ରୁ ଅଧିକ ଛାତ୍ରୀଛାତ୍ର ଓ ଅଧାପିକା ଅଧାପକ ଯୋଗ ଦେଇଥିଲେ।

### ଫୁଲୁପଡ଼ା ଚାମ୍ପିୟନ



**ବଣ୍ଠରପାଳ,୮।୧(ଡି.ଏନ.ଏ.):** ବଣ୍ଠରପାଳ ବ୍ଲକ ଫୁଲପଡ଼ା ଗୁରିଆମୁଣ୍ଡା ଜଗନ୍ନାଥ କ୍ରିକେଟ୍ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ୮ଟି କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଫୁଲୁପଡା ଓ ତଳମୂଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫୁଲୁପଡ଼ା ପ୍ରଥମେ ବ୍ୟାଟିଂ କରି ୧୮୦ କରିଥିଲା। ଜବାବରେ ତଳମୂଳ ୧୪୧ ରନ୍ କରି ପରାସ୍ତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜୟ କୁମାର ନାଥ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିରେନ ଦାସ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଗଗନ ଗଡନାୟକ, କାଳିଆ ନାହକ ପରିଚାଳନା କରିଥିଲେ।

# ଭୟ ଭିତରେ ଉତ୍ସାହ

**ଅନୁଗୋଳ ଅଫିସ/ ବଇଣ୍ଡା, ୮।୧**



ଅନୁଗୋଳ ଟାଉନ ହାଇସ୍କୁଲ ଶ୍ରେଣୀଗୃହରେ ସାମାଜିକ ଦୂରତ୍ୱ ରକ୍ଷା କରି ଛାତ୍ରୀଛାତ୍ରମାନେ ବସିଛନ୍ତି। (ଫଟୋ- ବୁବୁ)

ଦୀର୍ଘ ୯ ମାସ ପରେ ଶୁକ୍ରବାରଠାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲିଛି। କୋଭିଡ୍ ଭୟ ଦୂର ହୋଇ ନ ଥିଲେ ମଧ ବିଦ୍ୟାଳୟ ଆସିବାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଥିବା ଅନୁଗୋଳ ଜିଲାରେ ଦେଖିବାକୁ ମିଳିଛି। ଜିଲାର ମୋଟ୍ ୧୫,୯୮୧ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଦିନରେ ୫୩.୩୬ ପ୍ରତିଶତ ଅର୍ଥାତ୍ ୮,୫୨୮ ଜଣ ସ୍କୁଲ ଆସିଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ତେବେ ଆଠମଲ୍ଲିକ ବ୍ଲକ ନୀଳକଣ୍ଠପଡ଼ା ବିଦ୍ୟାଳୟରେ ଉପସ୍ଥାନ ଶୂନ ରହିଛି। ଜିଲାରେ ସ୍କୁଲ ଖୋଲିବା ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ସହ ବୈଠକ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପାଠପଢ଼ିବାକୁ ଛାଡ଼ିବାକୁ ଅଭିଭାବକମାନଙ୍କୁ ରାଜି କରାଯାଇଥିଲା। ବ୍ଲକ କର୍ତ୍ତୃପକ୍ଷ ବିଦ୍ୟାଳୟଗୁଡ଼ିକ ସାନିଟାଇଜ୍ କରିଥିଲେ। ପ୍ରଥମ ଦିନରେ ସ୍କୁଲ ଆସିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଫାଟକ ନିକଟରେ ସାନିଟାଇଜର ଦିଆଯାଇଥିଲା। ମାସ୍କ ଆଣି ନ ଥିବା ପିଲାଙ୍କୁ ମାସ୍କ ଯୋଗାଇ ଦିଆଯାଇଥିଲା। ଶ୍ରେଣୀଗୃହରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇଥିଲା। ବିଦ୍ୟାଳୟ ପରିସରରେ ବାହାର ଖାଦ୍ୟ ବିକ୍ରିକୁ ଅନୁମତି ଦିଆଯାଇ ନ ଥିଲା। ସେହିପରି ବିଷୟଗତ ପ୍ରାଧାନ୍ୟକୁ ଦେଖି ଇଂଲିଶ, ଗଣିତ ଓ ବିଜ୍ଞାନ ପାଠ୍ୟକ୍ରମ ପାଇଁ ସ୍ୱତନ୍ତ୍ର ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଏ(ବିଇଡି), ଏମ୍ଏ(ବିଇଡି) ଓ ଏମ୍ଏସି(ବିଇଡି) ଶିକ୍ଷକମାନେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପଢ଼ାଇବେ ବୋଲି ସ୍ୱତନ୍ତ୍ର ନିୟମ ଜାରି କରାଯାଇଛି। ପ୍ରତି ସପ୍ତାହରେ ଏକ ଡାକ୍ତରୀ ଦଳ ସ୍କୁଲରେ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟରେ କୋଭିଡ୍ ନିୟମ ପାଳନ ହେଉଛି କି ନାହିଁ ତାହାର ତଦାରଖ କରିବାକୁ ପ୍ରତି ବ୍ଲକ ଶିକ୍ଷା ଅଧିକାରୀ ଓ ବିଡିଓଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଭବିଷ୍ୟତକୁ ନଜରରେ ରଖି ଅଭିଭାବକମାନେ ମଧ ସ୍କୁଲକୁ ପିଲାଙ୍କୁ ଛାଡ଼ିବାକୁ ସହମତି ପ୍ରଦାନ କରିଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

- **ପ୍ରଥମ ଦିନରେ ସ୍କୁଲ ଆସିଲେ ୫୩ ପ୍ରତିଶତ ଛାତ୍ରୀଛାତ୍ର**
- **ଆଠମଲ୍ଲିକ ନୀଳକଣ୍ଠପଡ଼ା ବିଦ୍ୟାଳୟରେ ଉପସ୍ଥାନ ଶୂନ**
- **ପ୍ରତି ସପ୍ତାହରେ ଶିକ୍ଷାନୁଷ୍ଠାନରେ କରାଯିବ ସ୍ୱାସ୍ଥ୍ୟ ପରୀକ୍ଷା**

### ଏସ୍ଓପି ଅନୁଯାୟୀ ଖୋଲାଯାଇଛି



ସରକାରଙ୍କ ସମସ୍ତ ନିୟମ ମାନି ଜିଲାର ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ବିଦ୍ୟାଳୟ ଖୋଲାଯାଇଛି। ସମସ୍ତ ସ୍କୁଲରେ ଯେପରି ଶତପ୍ରତିଶତ ଉପସ୍ଥାନ ହେବ ତାହା ଉପରେ ଧାନ ଦିଆଯାଉଛି। ପିଲାମାନେ ଘରୁ ଖାଦ୍ୟ ସହ ପାଣି ଧରି ଆସୁଛନ୍ତି। ସାମାଜିକ ଦୂରତ୍ୱ ଅବଲମ୍ବନ କରାଯାଉଥିବା ବେଳେ ୧୦୦ ଦିନ ମଧ୍ୟରେ ପାଠପଢ଼ା ଶେଷ କରିବା ଲକ୍ଷ୍ୟ ରଖାଯାଇଛି।

**-କଳ୍ପନା ବେହେରା, ଜିଲା ଶିକ୍ଷା ଅଧିକାରୀ, ଅନୁଗୋଳ**

### କ୍ଲାସକୁ ଆସି ଖୁସି ଲାଗୁଛି



ବହୁ ବିଳମ୍ବ ହେଲେ ମଧ କ୍ଲାସରେ ପାଠପଢ଼ା ଆରମ୍ଭ ହୋଇଥିବାରୁ ଖୁସି ଲାଗୁଛି। ମାତ୍ର ୧୦୦ ଦିନ ମଧ୍ୟରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପଡିବ। କରୋନା ଭୟ ମଧ୍ୟରେ ବି ନିୟମିତ କ୍ଲାସକୁ ଆସିବାକୁ ହେବ। ସଚେତନ ରହିଲେ ସେପରି କିଛି ଅସୁବିଧା ଉପୁଜିବ ନାହିଁ ବୋଲି ମନେ କରୁଛୁ।

**-ଚନ୍ଦ୍ରକାନ୍ତ ସାହୁ, ଦ୍ୱାଦଶ ଛାତ୍ର, ବଇଣ୍ଡା**

### ବିଦ୍ୟାଳୟ ପରିବେଶ ଭିନ୍ନ



ବିଦ୍ୟାଳୟ ଖୋଲିବାକୁ ସରକାର ତାରିଖ ଘୋଷଣା କରିବା ପରଠାରୁ ଖୁସି ହୋଇଯାଇଥିଲି। ଅନ୍‌ଲାଇନ୍ ପାଠପଢ଼ା ଯାଉଥିଲେ ମଧ ତାହା ସେତେଟା ଭଲ ଲାଗୁ ନ ଥିଲା। ସ୍କୁଲ ପରିବେଶ ସମ୍ପୂର୍ଣ୍ଣ ଅଲଗା। ଏଠାରେ ପାଠ ପଢ଼ିବାରେ ଅଧିକ ମନ ଲାଗୁଛି। ବୋର୍ଡ ପରୀକ୍ଷା ପାଇଁ ଭଲ ଭାବେ ପ୍ରସ୍ତୁତ ହେବାକୁ ପଡ଼ିବ।

**-ଭୁବନ କୁମାର ପ୍ରଧାନ, ବଇଣ୍ଡା ହାଇସ୍କୁଲ**

### ସରକାରଙ୍କ ପଦକ୍ଷେପ ଉତ୍ତମ



୯ ମାସ ଧରି ବିଦ୍ୟାଳୟ ବନ୍ଦ ଯୋଗୁ ପାଠପଢାରେ ଅନେକ ଅସୁବିଧା ହେଉଥିଲା। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ସରକାର କରୋନା କଟକଣା ମଧ୍ୟରେ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେବା ଅତି ଉତ୍ତମ। କ୍ଲାସ୍‌ରୁମ୍‌ରେ ପଢ଼ିବା ସହ ଘରେ ଅଧିକ ସମୟ ପରିଶ୍ରମ କଲେ ମାଟ୍ରିକ୍ ପରୀକ୍ଷାରେ ଭଲ ଫଳ ମିଳିବ।

**-ଲିପିସା ସାହୁ, ବଇଣ୍ଡା ହାଇସ୍କୁଲ**

### ୧୦୦ ଦିନର ଟାର୍ଗେଟ୍



ଆମ ହାତରେ ୧୦୦ ଦିନ ଅଛି। ପାଠ୍ୟକ୍ରମକୁ ଭଲଭାବେ ଶେଷ କରିବାକୁ ସ୍କୁଲ ପକ୍ଷରୁ ଉଦ୍ୟମ ହେଉଥିବା ବେଳେ ଛାତ୍ରୀଛାତ୍ରମାନଙ୍କୁ ମଧ ସହଯୋଗ ଦେବାକୁ ପଡ଼ିବ। ଏଣୁ ନିୟମିତ ବିଦ୍ୟାଳୟ ଆସିଲେ ଭଲ ଭାବେ ପ୍ରସ୍ତୁତ ହୋଇପାରିବୁ। ଶିକ୍ଷୟିତ୍ରୀଶିକ୍ଷକ ଓ ସହପାଠୀଙ୍କୁ ସ୍କୁଲରେ ଦେଖି ଆନନ୍ଦିତ।

**-ସତ୍ୟମ ଶିବମ ସୁନ୍ଦରମ, କିଶୋରନଗର ହାଇସ୍କୁଲ**

### ଅନ୍‌ଲାଇନ୍‌ରେ ବୁଝାପଡୁ ନ ଥିଲା



ଅନଲାଇନରେ ଯେଉଁସବୁ ପାଠ ପଢାଯାଉଥିଲା ତାହା ସହଜରେ ବୁଝି ହେଉ ନ ଥିଲା। ଏବେ ଶ୍ରେଣୀ କକ୍ଷରେ ସୁନ୍ଦରତାର ସହ ପାଠପଢା ଯାଉଛି। ଏହା ବୁଝିବାରେ କୌଣସି ଅସୁବିଧା ହେଉନାହିଁ। ବିଦ୍ୟାଳୟ ଖୋଲାଯିବା ନେଇ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ସାମାଜିକ ଦୂରତା ରକ୍ଷା କରାଯାଇ ପାଠପଢା ଆରମ୍ଭ ହୋଇଛି।

**- ଜ୍ୟୋତିର୍ମୟୀ ପ୍ରଧାନ, କିଶୋରନଗର ହାଇସ୍କୁଲ**

### ପିଲାଙ୍କ ସୁରକ୍ଷାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି



କରୋନା ଭୟ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ପ୍ରଥମ ଦିନ କ୍ଲାସ ଶେଷ ଅଧଘଣ୍ଟାରେ ପିଲାଙ୍କ ମନୋବଳ ବଢ଼ାଇବା ପାଇଁ କାଉନସିଲିଂ କରାଯାଇଥିଲା। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ୧୦୦ ଦିନ ପାଠ ପଢ଼ାଯିବ। ଦୁଇଟି କ୍ଲାସ ପରେ ଶ୍ରେଣୀଗୃହକୁ ସାନିଟାଇଜ୍ କରାଯାଉଥିବାବେଳେ ଛାତ୍ରୀଛାତ୍ରଙ୍କୁ ମେଳି ହେବାକୁ ଦିଆଯାଉନାହିଁ।

**-ସୁସ୍ମିତା ଭଟ୍ଟାଚାର୍ଯ୍ୟ, ଶିକ୍ଷୟିତ୍ରୀ, ବନ୍ତଳା ନୋଡାଲ ଉଚ୍ଚ ବିଦ୍ୟାଳୟ, ଅନୁଗୋଳ**

### ଆଗକୁ ଉପସ୍ଥାନ ବଢ଼ିବ



ପ୍ରଥମ ଦିନରେ ଶତ ପ୍ରତିଶତ ଉପସ୍ଥାନ ହୋଇ ନ ଥିଲେ ମଧ ଆଗକୁ ଏହା ବଢ଼ିବ। ମାସ୍କ ପିନ୍ଧିବା ବାଧ୍ୟତାମୂଳକ ସହ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏପରି କି କେବଳ ଘରୁ ଆଣିଥିବା ଖାଦ୍ୟ ଖାଇବାକୁ ଅନୁମତି ପ୍ରଦାନ କରାଯାଉଛି। କେହି କାହାକୁ ବହି, ଖାତା, ପେନ୍ ପ୍ରଦାନ ନ କରିବାକୁ ସତର୍କ କରାଯାଇଛି।

**-ବିଜୟ କୁମାର ନନ୍ଦ, ପ୍ରଧାନ ଶିକ୍ଷକ, ଅନୁଗୋଳ ଉଚ୍ଚ ବିଦ୍ୟାଳୟ**

### ସାଙ୍ଗମାନଙ୍କୁ ପାଖରେ ପାଇଛୁ



ଦୀର୍ଘ ଦିନ ପରେ ବିଦ୍ୟାଳୟକୁ ଆସିବାର ସୁଯୋଗ ମିଳିଛି। ସାଙ୍ଗସାଥିଙ୍କୁ ପାଖରେ ପାଇପାରିଛୁ। ମେଳି ହେଉ ନ ଥିଲେ ବି ଦେଖା ସାକ୍ଷାତ ପାଉଥିବାରୁ ଖୁସି ଲାଗୁଛି। ଘରେ ବସି ଅନ୍ ଲାଇନ୍‌ରେ ପଢ଼ିବା ପରିବର୍ତ୍ତେ ବିଦ୍ୟାଳୟକୁ ଆସିଲେ ଭଲ ଲାଗୁଛି। ପ୍ରଥମ ଦିନରେ ପାଠପଢ଼ା ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ।

**-ଜସ୍‌ମିନ ଦେହୁରୀ, ବଣ୍ଠରପାଳ**

### ଆନନ୍ଦର ଦିନ ଥିଲା



ଆଜି ଆମ ପାଇଁ ଆନନ୍ଦର ଦିନ ଥିଲା। ଦୀର୍ଘ ମାସର ବ୍ୟବଧାନ ପରେ ବିଦ୍ୟାଳୟକୁ ଆସି ପାଠ ପଢ଼ିଛୁ। ପ୍ରଥମ ଦିନରେ ସାଙ୍ଗ ସାଥିମାନେ ଭେଟ ହେବା ସହ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଦେଖିପାରିଛୁ। ବିଦ୍ୟାଳୟ ପକ୍ଷରୁ କଟକଣା ସମ୍ପର୍କରେ ଅବଗତ କରାଯାଇଥିଲା। ଏହାପରେ ପାଠପଢ଼ା ଆରମ୍ଭ ହୋଇଛି।

**-ପ୍ରଭୁଦତ୍ତ ସାହୁ, ବଣ୍ଠରପାଳ**

### ପ୍ରସ୍ତୁତି ବାକି ଅଛି



ବିଦ୍ୟାଳୟରେ ପଢ଼ିବା ଅନୁଭୂତି ନିଆରା। କରୋନା ପାଇଁ ଚଳିତବର୍ଷ ଅଧା ସମୟ ଚାଲିଯାଇଛି। ଏବେ ହାତରେ ମାତ୍ର ୧୦୦ ଦିନ ଥିବାରୁ ପରୀକ୍ଷା ପାଇଁ ବହୁ ପ୍ରସ୍ତୁତି କରିବାର ରହିଛି। ତେଣୁ କମ୍ ଦିନ ମଧ୍ୟରେ କିଭଳି ସମସ୍ତ ପାଠ୍ୟକ୍ରମ ଶେଷ କରିବୁ ସେ ନେଇ ଯୋଜନା କରୁଛୁ।

**-ଶିବାନନ୍ଦ ଘଟୁଆରୀ, ଖମାର**

### ଘରେ ଭଲ ଲାଗୁ ନ ଥିଲା



ଅନ୍ ଲାଇନ୍‌ରେ ପାଠପଢ଼ା ହେଉଥିଲା ସତ। କିନ୍ତୁ ତାହା ଏତେଟା ଭଲ ଲାଗୁ ନ ଥିଲା। ଦୀର୍ଘଦିନ ପରେ ବିଦ୍ୟାଳୟକୁ ଆସି ପଢୁଥିବାରୁ ଖୁସି ଲାଗୁଛି। ୧୦୦ ଦିନ ମଧ୍ୟରେ ସବୁ ପାଠ୍ୟକ୍ରମ ଶେଷ କରି ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ପରୀକ୍ଷା ଦେବୁ। ସେ ନେଇ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି।

**-ମଧୁସ୍ମିତା ନାୟକ, ଖମାର**

### ପରୀକ୍ଷା ନେଇ ଚିନ୍ତାରେ ଅଛୁ



କରେନା ଭୟ ଏବେ ବି ମନରୁ ଯାଇନାହିଁ। ତଥାପି ବିଦ୍ୟାଳୟଗୁଡ଼ିକ ଖୋଲିଛି। ଏତେଶୀଘ୍ର କିଭଳି ଭାବେ ପାଠ୍ୟକ୍ରମ ଶେଷକରି ପରୀକ୍ଷା ଦେବୁ ତାହାକୁ ନେଇ ଚିନ୍ତାରେ ରହିଛୁ। ସରକାରଙ୍କ ପକ୍ଷରୁ ଏଥିପାଇଁ ଯେଉଁ ଯୋଜନା କରାଯାଇଛି ସେହି ଅନୁଯାୟୀ ସ୍କୁଲରେ ପାଠ ପଢ଼ାଯାଉଛି।

**-ଅଭୀପ୍ସା ସାହୁ, ପବିତ୍ରନଗର**

### ବିଦ୍ୟାଳୟ ପଢ଼ା ସଫଳତା ଦେବ



ଦୀର୍ଘ ଦିନ ପରେ ବିଦ୍ୟାଳୟରେ ସହପାଠୀଙ୍କ ସହ ପଢ଼ିବାର ସୁଯୋଗ ପାଇଲୁ। ଏବେ ପୂର୍ବଭଳି ସମସ୍ତଙ୍କ ସହ ମିଶି ମଜା କରିବାକୁ ଅନୁମତି ମିଳିବ ନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ପାଠପଢ଼ା ପ୍ରଥମ ଦିନରୁ ଆରମ୍ଭ ହୋଇଛି। କିଭଳି ଭଲ କରି ପଢ଼ି ଓ ବୁଝିହେବ ସେ ନେଇ ଦୃଷ୍ଟି ଦିଆଯାଉଛି।

**-ମିଲନ କୁମାର ବେହେରା, କଣିହାଁ**

### ନୂଆ ଅନୁଭୂତି ନେଇ ପ୍ରବେଶ କଲୁ



ଏତେ ବର୍ଷ ଭିତରେ ଯେଉଁ ଅନୁଭୂତି ପାଇ ନ ଥିଲୁ, ତାହା ଶୁକ୍ରବାର ବିଦ୍ୟାଳୟ ପ୍ରବେଶ ଦ୍ୱାରରେ ହିଁ ପାଇଲୁ। ହାତ ସାନିଟାଇଜ୍ ଓ ମୁହଁରେ ମାସ୍କ ଦେଇ ବିଦ୍ୟାଳୟ ଭିତରକୁ ପ୍ରବେଶ କରିବା ଅନୁଭୂତି ସ୍ୱତନ୍ତ୍ର। କରୋନା ପାଇଁ ଭୟ ଥିଲେ ମଧ ବିଦ୍ୟାଳୟକୁ ଆସି ପାଠ ପଢ଼ିବା ଉତ୍ସାହ ଅଲଗା ରହିଛି।

**-ଅନନ୍ୟା ଭଞ୍ଜ, କଣିହାଁ**

### ଅବୁଝା ପାଠ ବୁଝିହେବ



ପୂର୍ବରୁ ଅନ୍‌ଲାଇନ୍‌ରେ କ୍ଲାସ ହେଉଥିଲା। ଏଥିରେ କିଛି କିଛି ପାଠ ଅବୁଝା ରହୁଥିଲା। ଏବେ ବିଦ୍ୟାଳୟକୁ ଆସିବାର ସୁଯୋଗ ମିଳିଥିବାରୁ ଅବୁଝା ପାଠ ବୁଝିପାରିବୁ। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପାଇଁ ମଧ ଶିକ୍ଷାଦାନ ସହଜ ହୋଇପାରିବ। ତେଣୁ ସ୍କୁଲ ଖୋଲାଯିବା ସମସ୍ତଙ୍କ ପାଇଁ ଲାଭଦାୟକ।

**-ରିଜୋନା ବେଗମ୍, ତାଳଚେର**

### ଦ୍ୱନ୍ଦ ରହିବ ନାହିଁ



ବିଦ୍ୟାଳୟ ଖୋଲିଥିବାରୁ ବହୁତ୍ ଖୁସି ଲାଗୁଛି। ଅନ୍‌ଲାଇନ୍‌ରେ ପାଠପଢ଼ାରେ ଯେଉଁ ଦ୍ୱନ୍ଦ୍ୱ ରହୁଥିଲା ତାହା ଏବେ ରହିବ ନାହିଁ। ଯାହା କିଛି ବୁଝିବାର ଅଛି ତାହା ସିଧାସଳଖ ଭାବେ ସାର୍‌ଙ୍କ ଠାରୁ ବୁଝି ନେବୁ। ଖୁବ୍ କମ୍ ଦିନ ମଧ୍ୟରେ ସମସ୍ତ ପାଠ୍ୟକ୍ରମ ଶେଷ କରିବାକୁ ଯୋଜନା ରହିଛି।

**-ସୁମନ ବିଶ୍ୱାଳ, ତାଳଚେର**

# ଢେଙ୍କାନାଳରେ ୬୦% ଉପସ୍ଥାନ

**ଢେଙ୍କାନାଳ ଅଫିସ, ୮।୧**

କରୋନା ମହାମାରୀ ଭୟାବହତା କାରଣରୁ ଦୀର୍ଘ ୯ ମାସ ଧରି ବନ୍ଦ ଥିବା ବିଦ୍ୟାଳୟ ଶୁକ୍ରବାରଠାରୁ ପୁଣି ଖୋଲିଛି। ୧୦ମ ଏବଂ ଦ୍ୱାଦଶ ଶ୍ରେଣୀର ପିଲାଙ୍କ ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜିଲାର ୨୫୮ ହାଇସ୍କୁଲରେ ହାରାହାରି ୬୦% ଉପସ୍ଥାନ ରହିଥିଲା।

ଶିକ୍ଷାନୁଷ୍ଠାନ ଖୋଲିବା ପରେ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି। ସାନିଟାଇଜେଶନ ସହ ସାମାଜିକ ଦୂରତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ମାଟ୍ରିକ ପରୀକ୍ଷା ପୂର୍ବରୁ ୩ମାସ ମଧ୍ୟରେ ତଥା କୋର୍ସ ସାରିବାକୁ ନିର୍ଦ୍ଦେଶ ରହିଛି। ୨ ମାସର ସିଲାବସ୍ ପ୍ରସ୍ତୁତ କରି ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଛି। ୪୦ ଦିନର ସିଲାବସ୍ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ (ଡିଇଓ) ନିବେଦିତା ପାଣି ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ଉପସ୍ଥାନ ଅଧାରୁ ଅଧିକ ରହିଛି। ଆଗକୁ ଏହା ବଢ଼ିବ ବୋଲି ଡିଇଓ ଆଶାବ୍ୟକ୍ତ କରିଛନ୍ତି। ଢେଙ୍କାନାଳର ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡଜେନା ହାଇସ୍କୁଲରେ ପ୍ରଥମ ଦିବସରେ ମୋଟ୍ ୧୪୭ ପିଲାଙ୍କ ମଧ୍ୟରୁ ୫୩ଜଣ ଉପସ୍ଥିତ ଥିଲେ। ୪ ଶ୍ରେଣୀ ଗୃହରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏ ପାଠପଢ଼ା ଯାଇଥିଲା। ଦୀର୍ଘଦିନ ପରେ ସ୍କୁଲ ଆସିଥିବାରୁ ପିଲାମାନେ ବେଶ୍ ଉତ୍ସାହିତ ଥିଲେ। ପ୍ରବେଶ ପୂର୍ବରୁ ଗେଟ୍ ନିକଟରେ ସ୍କୁଲ ପକ୍ଷରୁ ମାସ୍କ ବ୍ୟବହାର, ସାନିଟାଇଜେଶନ ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିଥିବା ସଚେତନ କରାଯାଇଥିଲା। ଏ ସଂକ୍ରାନ୍ତରେ ଛାତ୍ରୀ ବିଷ୍ଣୁପ୍ରିୟା ରଥ ଏବଂ ଛାତ୍ର ପ୍ରିୟମ ପ୍ରିୟାଂଶୁ ମହାନ୍ତି କୁହନ୍ତି, ୯ମାସ ବନ୍ଦ ରହିବା ପରେ ସ୍କୁଲ ଖୋଲିଥିବାରୁ ଖୁସି ଲାଗୁଛି। ସହପାଠୀମାନେ ସତର୍କତା ଅବଲମ୍ବନ କରୁଛୁ । ପାଠପଢା ଆରମ୍ଭ ହୋଇଥିବାରୁ ମାଟ୍ରିକ ପରୀକ୍ଷା ଭଲ ହେବ ବୋଲି ଆଶା ରଖିଛୁ।



ଦଶମ ଶ୍ରେଣୀ ଛାତ୍ରୀମାନେ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟକୁ ଯାଉଛନ୍ତି।

# ପାଇପ୍ ଲାଇନ କାର୍ଯ୍ୟକୁ ବିରୋଧ

**ଛେଣ୍ଡିପଦା,୮।୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାହାଲସାହି ପଞ୍ଚାୟତର ମାଝିଗୋହିରାପଶି ଗ୍ରାମଦେଇ ଯାଉଥିବା ଗେଲ୍ ଇଣ୍ଡିଆ ଗ୍ୟାସ୍ ପାଇପ୍ ଲାଇନ କାର୍ଯ୍ୟକୁ ଶୁକ୍ରବାର ଗ୍ରାମବାସୀ ବନ୍ଦ କରିଦେଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ କୌଣସି ସୂଚନା ନ ଦେଇ ଜବରଦସ୍ତ ଜମି ସମାନ କରି ପାଇପ୍ ଲାଇନ ଖୋଳା କାର୍ଯ୍ୟ ଆରମ୍ଭ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗତ ୬ ତାରିଖରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମ ଭିତରେ ଯିବାକୁ ଥିବା ଗ୍ୟାସ୍ ପାଇପ ଲାଇନ ୩୦ ମିଟର ପରିବର୍ତ୍ତେ ୬ ମିଟରକୁ ସଙ୍କୁଚିତ କରାଯିବା, ୮ ତାରିଖରେ କମ୍ପାନୀ କର୍ତ୍ତୃପକ୍ଷ ସୀମା ଚିହ୍ନଟ କରି ଗ୍ରାମବାସୀଙ୍କୁ ଦେଖାଇବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅସୁବିଧା ହେଲେ ଉପଜିଲାପାଳଙ୍କୁ ଜଣାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଶୁକ୍ରବାର କମ୍ପାନୀ କର୍ତ୍ତୃପକ୍ଷ ସୀମା ନିର୍ଦ୍ଧାରଣ ସମ୍ପର୍କରେ ଗ୍ରାମବାସୀଙ୍କ ସହିତ ଆଲୋଚନା ନ କରି କାର୍ଯ୍ୟ ଆରମ୍ଭ କରିଥିବାରୁ ବିରୋଧ କରାଯାଇଥିଲା। ଫଳରେ କମ୍ପାନୀ କର୍ମଚାରୀମାନେ କାମ ବନ୍ଦ କରି ପଳାଇ ଯାଇଥିଲେ। କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ସହ ଗ୍ରାମ ବାହାରେ ପାଇପ୍ ଲାଇନ ନ ଯିବା ପର୍ଯ୍ୟନ୍ତ କାମ କରାଇ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ପ୍ରତିଶ୍ରୁତି ପରେ ଟ୍ରକ୍ ମାଲିକ ସଂଘ ଆନ୍ଦୋଳନ ସ୍ଥଗିତ

**କଣିହାଁ,୮।୧(ଡି.ଏନ.ଏ.)**



ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣି ପରିବହନ ଫାଟକ ସମ୍ମୁଖରେ ଶୁକ୍ରବାର ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ କଣିହାଁ ତରଫରୁ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯାଇଥିଲା। ଫଳରେ ୫ ଘଣ୍ଟା ଧରି କୋଇଲା ପରିବହନ ଠପ୍ ହୋଇଥିଲା। ଖବରପାଇ ଦୁଇ ପ୍ଲାଟୁନ ଫୋର୍ସ ସହ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ବନ୍ଦ ପାଇଁ ଉଦ୍ୟମ କରିବାରୁ ଚାପା ଉତ୍ତେଜନା ଦେଖାଯାଇଥିଲା। ପରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ପ୍ରକାଶ ଯେ, ଗତ ଡିସେମ୍ବର ୧୬ରେ କୋଇଲା ପରିବହନରେ ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ଓ ସ୍ଥାନୀୟ ଟ୍ରକ୍ ମାଲିକଙ୍କୁ ଅଗ୍ରାଧିକାର ଦାବିରେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପରେ ତାଳଚେର ବିଧାୟକ ପ୍ରଧାନ, ତହସିଲଦାର ପତିତପାବନ ଦେବତା ଓ ଆନ୍ଦୋଳନକାରୀଙ୍କୁ ନେଇ ୨୮ ତାରିଖ ମଧ୍ୟରେ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମାଧାନ କରାଯିବାର ପ୍ରତିଶ୍ରୁତି ପ୍ରଶାସନଠାରୁ ମିଳିଥିଲା। କିନ୍ତୁ ପ୍ରଶାସନ ପଦକ୍ଷେପ ନ ନେବାରୁ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇଥିଲା। ଅତିରିକ୍ତ ଏସ୍‌ପି ଅନିଲ ପ୍ରଧାନ, ତାଳଚେର ଓ ପାଲଲହଡ଼ା ଏସ୍‌ଡିପିଓ, କଣିହାଁ ତହସିଲଦାର, ଆଇଆଇସି ଓ ଟ୍ରକ୍ ମାଲିକ ସଂଘ ସଦସ୍ୟମାନଙ୍କୁ ନେଇ ଅପରାହ୍ନରେ ଉପଜିଲାପାଳଙ୍କ ସହ ବୈଠକ ହେବ ବୋଲି ବିଧାୟକ କହିଥିଲେ। ପରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଆଗାମୀ ଆର୍‌ପିଡିଏସି ବୈଠକରେ ଏ ନେଇ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯିବା ପରେ ସଂଘ ପକ୍ଷରୁ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା।

